# ସପ୍ତମ ଅଧ୍ୟାୟ : ବଂଶାନୁକ୍ରମ ଓ ବିଭେଦାୟନ

1. ମେଣ୍ଡେଲଙ୍କ ଦ୍ୱିସଙ୍କରଣ ପରୀକ୍ଷଣରେ ଗୋଲ ହଳଦିଆ (**RRYY**) ଓ ଖଦଡ଼ା ଶାଗୁଆ (**rryy**) ପୈତୃକପିଢ଼ିକୁ ସଙ୍କରୀକରଣ କଲେ $F_2$ ପିଢ଼ିରେ **RrYy** କିପରି ଗୁଣ ଧାରଣ କରିବ ?
(A) ଗୋଲ ହଳଦିଆ (B) ଗୋଲ ଶାଗୁଆ
(C) ଖଦଡ଼ା ହଳଦିଆ (D) ଖଦଡ଼ା ଶାଗୁଆ

2. "ଦି ଓରିଜିନ ଅଫ ସ୍ପେସିସ୍" ବହିର ଲେଖକ କିଏ ?
(A) ଲାମାର୍କ (B) ଡିଭ୍ରିଜ୍
(C) ମେଣ୍ଡେଲ (D) ଡାରଉଇନ୍

3. ଆପେଣ୍ଡିକ୍ସ ଅନୁସାରେ କେଉଁ ଉକ୍ତିଟି ସତ୍ୟ ?
(A) ତୃଣଭୋଜୀଙ୍କର ଆପେଣ୍ଡିକ୍ସ ନ ଥାଏ।
(B) ବାଘ, ସିଂହର ଆପେଣ୍ଡିକ୍ସ ନ ଥାଏ।
(C) ମନୁଷ୍ୟର ଆପେଣ୍ଡିକ୍ସ ନ ଥାଏ।
(D) ତୃଣଭୋଜୀ ଓ ମନୁଷ୍ୟଙ୍କର ଆପେଣ୍ଡିକ୍ସ ଆଦୌ ନ ଥାଏ।

4. କେଉଁଟି ସମଜାତ ଅଙ୍ଗ ନୁହେଁ ?
(A) ବାଦୁଡ଼ିର ଡେଣା ଓ ତିମିର ପକ୍ଷ
(B) ଘୋଡ଼ାର ଗୋଡ଼ ଓ ମଣିଷର ହାତ
(C) ମଶାର ଡେଣା ଓ ବାଦୁଡ଼ିର ଡେଣା
(D) କଖାରୁ ଗଛର ଆକର୍ଷୀ ଓ କାଗଜଫୁଲର କଣ୍ଟା

5. ଶୁକ୍ରାଣୁର ଗୁଣସୂତ୍ର ସଂଖ୍ୟା କେତେ ?
(A) n (B) 2n (C) 3n (D) 4n

6. ଡିମ୍ବାଣୁର ଗୁଣସୂତ୍ର ସଂଖ୍ୟା କେତେ ?
(A) n (B) 2n (C) 3n (D) 4n

7. ଆଧୁନିକ ମାନବର ବୈଜ୍ଞାନିକ ନାମ କ'ଣ ?
(A) ହୋମୋ ହ୍ୟାବିଲସ୍ (B) ହୋମୋ ସେପିଏନ୍ସ
(C) ଅଷ୍ଟ୍ରାଲୋପିଥେକସ୍ (D) ହୋମୋ ଇରେକ୍ଟସ୍

8. ଆଜକୁ 20 ନିୟୁତ ବର୍ଷ ପୂର୍ବେ ଆଧୁନିକ ମାନବର ପୂର୍ବଜ "ରାମାପିଥେକସ୍" କେଉଁଠାରେ ଚଳପ୍ରଚଳ ହେଉଥିଲେ ?
(A) ଅଷ୍ଟ୍ରେଲିଆ (B) ଚୀନ
(C) ଭାରତ (D) ଆଫ୍ରିକା

9. ଆଜକୁ 20 ନିୟୁତ ବର୍ଷ ପୂର୍ବେ ଏସିଆରେ କେଉଁପରି ମାନବ ଚଳପ୍ରଚଳ ହେଉଥିଲେ ?
(A) ରାମାପିଥେକସ୍ (B) ଅଷ୍ଟ୍ରାଲୋପିଥେକସ୍
(C) ଶିବାପିଥେକସ୍ (D) ହୋମୋ ଇରେକ୍ଟସ୍

10. ଆଜକୁ 230 କୋଟି ବର୍ଷ ପୂର୍ବେ ମେସୋଜୋଇକ୍ ମହାଯୁଗରେ କେଉଁ ବିଶାଳ ସରୀସୃପ ପ୍ରାଣୀ ରାଜୁତି କରୁଥିଲେ ?
(A) ଆନାକୋଣ୍ଡା (B) ମାମଥ୍
(C) ଡାଇନାସୋର୍ (D) ଗରିଲା